**ସାନ୍ତରାପୁରରେ ଇଦ୍-ଉଜ୍-ଜୁହା ପାଳିତ**

ଢେଙ୍କିକୋଟ,( ଡି.ଏନ.ଏ.): ଢେଙ୍କିକୋଟ ପୋଲିସ ବିଟହାଉସ ଅନ୍ତର୍ଗତ ଢେଙ୍କିକୋଟ ଓ ସାନ୍ତରାପୁର ମୁସଲିମ ବସ୍ତିରେ ଧୁମ୍‌ଧାମ୍‌ରେ ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ସକାଳେ ଉଭୟ ମସ୍‌ଜିଦରେ ସମୂହ ନମାଜ ପାଠ ହୋଇଥିଲା। ମୁସଲିମ ଭଉଣୀଭାଇମାନେ ନୂଆ ବସ୍ତ୍ର ପିନ୍ଧି ବିଭିନ୍ନ ବ୍ୟଞ୍ଜନ କରି ସମ୍ପର୍କୀୟଙ୍କ ମଧ୍ୟରେ ବାଣ୍ଟିଥିଲେ। ସାନ୍ତରାପୁର ମୁସଲିମ ବସ୍ତିର ପୂର୍ବତନ ସର୍ଦ୍ଦାର ସେକ ତାହିର, ସମାଜସେବୀ ସେକ ଇମ୍ରାନ, ସେକ ରଫିକ ପ୍ରମୁଖ ସମୂହ ନମାଜପାଠ କରୁଥିବା ୩୦୦ରୁ ଊର୍ଦ୍ଧ୍ୱ ମୁସଲିମ ଭଉଣୀଭାଇଙ୍କୁ ଭାଇଚାରା ରକ୍ଷା ପାଇଁ ବୁଝାଇଥିଲେ।

## ସଂକ୍ଷେପରେ

### କୁମ୍ଭୀର ଟାଣି ନେଇଥିବା ବ୍ୟକ୍ତିଙ୍କ ମୃତଦେହ ମିଳିଲା

ଭଦ୍ରକ ଅଫିସ, ୧୦ା୭-ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କାଁପଡା ପଞ୍ଚାୟତ ବାରଣାକୂଳ ଗାଁର ବୁଦ୍ଧିରାମ ମଲିକ(୫୫) ଶନିବାର ଅପରାହ୍ନରେ ନଦୀରେ ଧୋଇ ହେଉଥିବା ବେଳେ କୁମ୍ଭୀର ଟାଣି ନେଇଥିଲା। ଚାନ୍ଦବାଲି ଓ ଧାମନଗର ବନ ବିଭାଗ, ଦମକଳ ବାହିନୀ ମିଳିତ ଭାବେ ଖୋଜାଖୋଜି କରିବା ପରେ ରାତି ପ୍ରାୟ ୨ଟା ବେଳେ ବୁଦ୍ଧିରାମଙ୍କ ମୃତଦେହ ମିଳିଥିଲା। କୁମ୍ଭୀର ତାଙ୍କ ଡାହାଣ ହାତ ଓ ଗୋଡ଼କୁ ଖାଇ ଦେଇଥିଲା। ତିହିଡ଼ି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରବିବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୨୪/୨୨) ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ବୁଦ୍ଧିରାମ ବିଲରୁ ଫେରି ଗେଙ୍ଗୁଟି-ନାଳିଆର ଶାଖା ନଈ ହୀରାଖାଇରେ ଧୋଇ ହେଉଥିଲେ। ଏହି ସମୟରେ ନଈ ମଧ୍ୟରୁ ଏକ କୁମ୍ଭୀର ଆସି ତାଙ୍କୁ ଟାଣି ନେଇଯାଇଥିଲା। ପାଖରେ କାମ କରୁଥିବା ଲୋକେ ଦେଖି ସ୍ଥାନୀୟ ପୋଲିସ ଓ ତହସିଲ ପ୍ରଶାସନକୁ ଖବର ଦେବା ସହ ଏକ ବୋଟ୍ ଦ୍ୱାରା ତାଙ୍କୁ ଖୋଜାଖୋଜି କରିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳିଗଲେ ଯୁବକ

ଉଦଳା,୧୦ା୭ (ଡି.ଏନ.ଏ.)-ଘର ଉପରେ ଲାଗି ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଜଳିଯାଇଛନ୍ତି। ଶନିବାର ସନ୍ଧ୍ୟାରେ ଏଭଳି ଅଭାବନୀୟ ଘଟଣା ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଖୁଣ୍ଟାପାଳ ଗ୍ରାମରେ। ମୃତକ ହେଲେ ଦିନା କାରଜୀ। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ବର୍ଷା ହେବାରୁ ଦିନାଙ୍କ ଘର ଛାତରୁ ପାଣି ଗଳୁଥିଲା। ସେ ଏକ ବାଉଁଶ ନେଇ ଛାତ ଉପରେ ପଲିଥିନ ପକାଉଥିଲେ। ଏହି ସମୟରେ ଛାତକୁ ଲାଗି ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ସେ ଆସିଥିଲେ। ବିଦ୍ୟୁତ୍ ତାର ଲାଗି ସେ ସେଠାରେ ଜଳିଯାଇଥିଲେ। ତାଙ୍କ ଛାତି ଜଳିଯାଇଥିବା ବେଳେ ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଦିନାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତୁରନ୍ତ ୧୧ କେଭି ବିଦ୍ୟୁତ୍‌କାଟ କରିବା ନିମନ୍ତେ କପ୍ତିପଦା ବିଦ୍ୟୁତ୍ ବିଭାଗକୁ ଫୋନ କଲ୍ କରିଥିଲେ। କେହି ଫୋନ ଉଠାଇ ନ ଥିବା ଏବଂ ଘରକୁ ଲାଗି ଏହି ବିଦ୍ୟୁତ୍ ତାର ଯାଇଥିବାରୁ ଏଭଳି ଅଘଟଣ ଘଟିଲା। ବିଭାଗର ଅବହେଳା ପାଇଁ ଦିନାଙ୍କ ଜୀବନ ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ପୋଖରୀରୁ ମିଳିଲା ମୃତଦେହ

ପାଟଣା,୧୦ା୭(ସ୍ୱ. ପ୍ର.) କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ପଞ୍ଚାୟତ ବାଘିଆ ଟାଙ୍ଗିରି ସାହିର ଏକ ପୋଖରୀରୁ ରବିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଉକ୍ତ ଗ୍ରାମର ତ୍ରିଲୋଚନ ନାଏକ। ସୂଚନା ଅନୁଯାୟୀ, ତ୍ରିଲୋଚନ ଶନିବାର ଗାଁ ହାଟକୁ ଯାଇ ନିଖୋଜ ହୋଇଥିଲେ। ସେ ଶୌଚ ପାଇଁ ଯାଇ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ଗାଁ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକେ ଥାନାକୁ ଖବର ଦେଇଥିଲେ। ତୁରୁମୁଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ଏବିଭିପିର ପ୍ରତିଷ୍ଠା ଦିବସ

ଭଦ୍ରକ ଅଫିସ,୧୦ା୭-ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଭଦ୍ରକ ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ ଏବଂ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପିକା, ବିଶିଷ୍ଟ ସାହିତ୍ୟିକା ରାଧାରାଣୀ ମହାପାତ୍ର ଯୋଗଦେଇ ସଙ୍ଗଠନର ପତାକା ଉତ୍ତୋଳନ କରିଥିଲେ। ଜିଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ପୁରାତନ କାର୍ଯ୍ୟକର୍ତ୍ତା ଶରତ ପଢ଼ିଆରୀ, ଆନନ୍ଦ ଶଙ୍କର ଦାସ ପ୍ରମୁଖ ଅଧିକରୁ ଅଧିକ ଛାତ୍ରୀଛାତ୍ର ସଙ୍ଗଠନ ସହ ଯୋଡ଼ିବା ପାଇଁ ମାର୍ଗଦର୍ଶନ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୁ କିଶୋର ରାଉତ, ଜିଲା ସହ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ଭଦ୍ରକ ନଗର ସଙ୍ଗଠନ ସମ୍ପାଦକ ଗୋପବନ୍ଧୁ ଜେନା, ଆଇନ ବିଭାଗ ଛାତ୍ରୀ ପ୍ରିୟଙ୍କା ଦାଶ, ଖବରଦାତା ସୁନିତା ମହନ୍ତ, ପୁରାତନ କାର୍ଯ୍ୟକର୍ତ୍ତା ଜଗନ୍ନାଥ ଦାଶ, ଅମରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ହୀରାପୁର ବ୍ରିଜ୍ ନିର୍ମାଣ କାର୍ଯ୍ୟ ବନ୍ଦ

- ସମାଧାନ ହୋଇପାରୁନି ଜମି ବିବାଦ
- ୭ଲକ୍ଷର ଦାଦାବଟି ଅଡିଓ ଭାଇରାଲ

**ରୂପ୍‌ସା,୧୦ା୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ଗଡ଼ପଦା-ରୂପ୍‌ସା ମୁଖ୍ୟ ରାସ୍ତାର ହୀରାପୁରଠାରେ ନୂତନ ବ୍ରିଜ୍ ନିର୍ମାଣ କାର୍ଯ୍ୟ ବନ୍ଦ ପଡ଼ିଛି। ବଡ଼ ଯାନ ଓ ଭାରିଯାନ ଯାଇପାରୁ ନ ଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଇଛି। ଅପରପକ୍ଷରେ ବର୍ଷା ଦିନରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ଗମନାଗମନ ବନ୍ଦ ହେବା ଏକରକମ ନିଶ୍ଚିତ ହୋଇଛି। ଜମି ବିବାଦ ଓ ଠିକାଦାରଙ୍କୁ ୭ଲକ୍ଷ ଟଙ୍କାର ଦାଦାବଟି ମାଗିବା ଯୋଗୁ ବ୍ରିଜ୍ ନିର୍ମାଣ ତ୍ୱରାନ୍ୱିତ ହୋଇପାରୁ ନାହିଁ ବୋଲି ଜଣାପଡ଼ିଛି। ଫଳରେ ଜନସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି।

ବସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୭୦ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ଏହି ପ୍ରକଳ୍ପ ମଞ୍ଜୁରୀ ହୋଇଥିଲା। ପୂର୍ବରୁ ଉକ୍ତ ବ୍ରିଜ୍‌ଟି ଅଣଓସାରିଆ ଓ ଦୁର୍ବଳ ଥିବାରୁ ନୂତନ ବ୍ରିଜ୍ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ଓ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଥିଲା।


ଭଙ୍ଗା ଯାଇଥିବା ହୀରାପୁର ପୁରୁଣା ବ୍ରିଜ୍।

ନୂତନ ବ୍ରିଜ୍ ପାଇଁ ପ୍ରକଳ୍ପ ମଞ୍ଜୁରୀ ପରେ ଗତ ଦୁଇମାସ ପୂର୍ବରୁ ପୁରୁଣା ପୋଲଟିକୁ ଭାଙ୍ଗି ଦିଆଯାଇଥିଲା। ଲୋକମାନଙ୍କ ଯାତାୟତ ପାଇଁ ପୋଲ ପାର୍ଶ୍ୱରେ ବିଭାଗ ପକ୍ଷରୁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ ହୋଇଥିଲା। ମାତ୍ର ନୂତନ ବ୍ରିଜ୍ ନିର୍ମାଣ ହେଲେ ବ୍ରିଜ୍ ସଂଲଗ୍ନ କେତେକ ଚାଷଜମି କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ ବୋଲି ଜମି ମାଲିକ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ଏଯାବତ୍ ଏହି ଜମି ବିବାଦ ସମାଧାନ ହୋଇପାରି ନାହିଁ। ଅପରପକ୍ଷରେ ପଞ୍ଚାୟତର ଜନୈକ ଯୁବକ ଠିକାଦାରଙ୍କୁ ୭ଲକ୍ଷ ଟଙ୍କାର ଦାଦାବଟି ଦେଇ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉ ବୋଲି ଏକ ଅଡିଓ ଭାଇରାଲ ହେବା ପରେ ନିର୍ମାଣ କାର୍ଯ୍ୟ ବନ୍ଦ ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପ୍ରବଳ ବର୍ଷା ହେଲେ ତଥା ଭଙ୍ଗା ଯାଇଥିବା ବ୍ରିଜ୍ ସଂଲଗ୍ନ ଅସ୍ଥାୟୀ ରାସ୍ତା ବୁଡ଼ିଗଲେ ଗଡ଼ପଦା, ରାଉତପଡ଼ା, ଆମ୍ବଗଡ଼ିଆ, ରୂପ୍‌ସା, ଆଙ୍କୋ, କସିପଦା ସମେତ ଉଭୟ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଲୋକଙ୍କ ପାଇଁ ଏହି ରାସ୍ତା ଦେଇ ଯାତାୟତ ଠପ୍ ହେବ ବୋଲି ଜନପ୍ରତିନିଧିମାନେ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସୁମିତ ମିଞ୍ଜଙ୍କୁ ପଚରାଯିବାରୁ ଖୁବ୍ ଶୀଘ୍ର ଜମି ବିବାଦ ସମସ୍ୟାର ସମାଧାନ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

# ଗାଁ ଛାଡ଼ିଯାଉନି ଦନ୍ତା, ପୁଣି ଭାଙ୍ଗିଲା ଘର


ଲଛମନଖୁଣ୍ଟା ଅଞ୍ଚଳରେ ବୁଲୁଥିବା ଦନ୍ତା।

**ରୂପ୍‌ସା,୧୦ା୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଅଞ୍ଚଳରେ ପୁଣି ଏକ ଦନ୍ତା ହାତୀ ତାଣ୍ଡବ ରଚିଛି। ଶନିବାର ଏହି ହାତୀଟି ଲଛମନଖୁଣ୍ଟାର ଜାରାସାହି ଗାଁରେ ପଶି ବହୁ ଘରଦ୍ୱାର ଭାଙ୍ଗିଥିବା ଦେଖିବାକୁ ମିଳିଛି। ହରି ସିଂ, ବୈକୁଣ୍ଠ ସିଂ, ସନାତନ ସିଂ, ଏକାଦଶୀ ସିଂ ପ୍ରମୁଖଙ୍କ ଘର ଓ ଘରର କାନ୍ଥ ଭାଙ୍ଗି ଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଶନିବାର ବାହୁଡ଼ା ଯାତ୍ରା ଚାଲିଥିବା ବେଳେ ଝିପି ଝିପି ବର୍ଷା ହେଉଥିଲା। ସନ୍ଧ୍ୟାରେ ମୟୂରଭଞ୍ଜ ପଟୁ ଏହି ହାତୀଟି ଗାଁ ଭିତରକୁ ପଶି ଆସିଥିଲା। ଗାଁରେ ହାତୀ ବୁଲୁଥିବା ଦେଖି ଲୋକେ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ଏଥିସହ ବନବିଭାଗକୁ ଖବର ଦିଆଯାଇଥିଲା। ବନବିଭାଗ କର୍ମଚାରୀ ପହଞ୍ଚି ଲୋକଙ୍କ ସହାୟତାରେ ହାତୀକୁ ମୟୂରଭଞ୍ଜ ପଟ ବଙ୍ଗାଳିଡ଼ିହି ଜଙ୍ଗଲରେ ଛାଡ଼ିଥିଲେ। ସୂଚନାଯୋଗ୍ୟ ଯେ, ୬ ମାସ ଧରି ବାରମ୍ବାର ରୂପ୍‌ସା ଅଞ୍ଚଳକୁ ହାତୀ ପଶି ଆସୁଥିବାରୁ ସ୍ଥାୟୀ ପ୍ରତିକାର ପାଇଁ ବନବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହୋଇଛି। କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି। ହାତୀର ଆଗ ବାମ ଗୋଡ଼ ଓ ପିଠାରେ ଆଘାତ ଲାଗିଥିବା ଦେଖିବାକୁ ମିଳିଛି।

# ବିଜେଡି ଗୋଷ୍ଠୀ କନ୍ଦଳରୁ ଫାଇଦା ଉଠାଇଲା ଭାଜପା


ଭାଜପା କର୍ମକର୍ତ୍ତା ବିଜୟ ଉତ୍ସବ ମନାଉଛନ୍ତି।

## ଦେବାଶିଷ ହେଲେ ରାଉତପଡ଼ା ସମିତି ସଭାପତି

**ରୂପସା,୧୦ା୭(ଡି.ଏନ.ଏ.)**

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ବସ୍ତା ଶାଖା ଅଧୀନ ରାଉତପଡ଼ା କୃଷି ସମବାୟ ସମିତିର ସଭାପତି ଭାବେ ଭାଜପା ସମର୍ଥିତ ପ୍ରାର୍ଥୀ ଦେବାଶିଷ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ସେ ବିଜେଡି ସମର୍ଥିତ ପ୍ରାର୍ଥୀ ଧୀରେନ୍ଦ୍ର କୁମାର ଦାସଙ୍କୁ ୩ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି।

ଗତ ଜୁନ ୧୯ ରେ ଏହି ସମିତିରେ ୧୫ଟି ଜୋନ୍‌ର ଡାଇରେକ୍ଟର ପଦ ପାଇଁ ନିର୍ବାଚନ ହୋଇଥିଲା। ଭାଜପା ସମର୍ଥିତ ୬ଜଣ ଡାଇରେକ୍ଟର ବିଜୟୀ ହୋଇଥିବା ବେଳେ ବିଜେଡି ସମର୍ଥିତ ୯ଜଣ ଡାଇରେକ୍ଟର ବିଜୟ ଲାଭ କରିଥିଲେ। ସଭାପତି ପଦ ପାଇଁ ଗତ ୩ ତାରିଖରେ ଦେବାଶିଷ ଓ ଧୀରେନ୍ଦ୍ର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏଥିଲାଗି ଶୁକ୍ରବାର ଅନୁଷ୍ଠିତ ନିର୍ବାଚନରେ ଦେବାଶିଷ ୯ଖଣ୍ଡ ଭୋଟ ପାଇଥିବା ବେଳେ ଧୀରେନ୍ଦ୍ର ୬ ଖଣ୍ଡ ଭୋଟ ପାଇଥିଲେ। ସଭାପତି ଭାବେ ଦେବାଶିଷ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ କମଳାକାନ୍ତ ବେହେରା ଘୋଷଣା କରିଥିଲେ। ତେବେ ବିଜେଡିରେ ସଭାପତି ପ୍ରାର୍ଥୀ ଚୟନରେ ଅସନ୍ତୋଷ ଯୋଗୁ ଗୋଷ୍ଠୀ କନ୍ଦଳ ଦେଖାଦେଇଥିଲା। ଦଳ ପକ୍ଷରୁ ୩ଟି କ୍ରସ ଭୋଟିଂ ଫଳରେ ବସ୍ତା ବିଧାୟକଙ୍କ ନିର୍ବାଚନ ମଣ୍ଡଳୀ ଅଧୀନ ଏହି ସମିତିରେ ସଭାପତି ପଦ ପୁଣି ଭାଜପା ଅକ୍ତିଆରକୁ ଯାଇଛି। ଫଳରେ ବିଜେଡିକୁ ଶକ୍ତ ଧକ୍କା ଲାଗିଛି। ଅପରପକ୍ଷରେ ନବନିର୍ବାଚିତ ସଭାପତି ଦେବାଶିଷ ସମିତିରେ ଦାୟିତ୍ୱ ଗ୍ରହଣ କରି ଦଳ ମତ ନିର୍ବିଶେଷରେ ସମିତି ଓ ଚାଷୀଙ୍କ ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟଧାରା ବଜାୟ ରହିବ ବୋଲି କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଏମ୍‌ପି ପ୍ରତିନିଧି ପ୍ରଦୀପ ପଣ୍ଡା, ପ୍ରାକ୍ତନ ସମିତି ସଭାପତି ହରେନ୍ଦ୍ର ଦାସ, ଭାଜପା ନେତା ପ୍ରଫୁଲ୍ଲ ଦାସ, ବୋର୍ଡର ସମସ୍ତ ଡାଇରେକ୍ଟର ଓ ଦଳର କାର୍ଯ୍ୟକର୍ତ୍ତାଙ୍କୁ ସେ ଶ୍ରେୟ ଦେଇଛନ୍ତି।

# ହାତ, ଗୋଡ଼ ବନ୍ଧା ଅବସ୍ଥାରେ ଯୁବକ ଉଦ୍ଧାର

**ଜଳେଶ୍ୱର,୧୦ା୭(ଡି.ଏନ୍.ଏ)**

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱରସ୍ଥିତ ଶାନ୍ତିଆ ପୋଲ ନିକଟରୁ ଶନିବାର ଭୋର ସମୟରେ ହାତ, ଗୋଡ଼ ଓ ମୁହଁ ବନ୍ଧା ଅବସ୍ଥାରେ ପଡ଼ିଥିବା ଜଣେ ଯୁବକଙ୍କୁ ପୋଲିସ ଉଦ୍ଧାର କରିଛି। ଗୁରୁତର ଅବସ୍ଥାରେ ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ଜିକେଭଟ୍ଟର ଡାକ୍ତରଖାନା ଓ ପରେ ବାଲେଶ୍ୱର ଫକୀରମୋହନ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ତେବେ ତଥ୍ୟ ସଂଗ୍ରହ ପାଇଁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜିକେଭଟ୍ଟର ଡାକ୍ତରଖାନା ଭିତରକୁ ଛଡ଼ାଯାଇଥିବାରୁ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ଉଲ୍ଲେଖଯୋଗ୍ୟ, ୬୦ନଂ. ଜାତୀୟ ରାଜପଥର ରାଜଘାଟଠାରୁ ଲକ୍ଷ୍ମଣନାଥ ଟୋଲ୍ ପ୍ଲାଜା ପର୍ଯ୍ୟନ୍ତ ରାସ୍ତାରେ ବାରମ୍ବାର ଚୋରି, ଛିନ୍‌ତାଇ, ରାହାଜାନୀ ଓ ଅପହରଣ ଆଦି ଅପରାଧ ଘଟି ଚାଲିଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ସାଜିଛି। ଗତ ୩ବର୍ଷ ମଧ୍ୟରେ ୫ଜଣ ଡ୍ରାଇଭରଙ୍କୁ ଅପହରଣ ପରେ ସେମାନେ ଫେରିଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସୁବର୍ଣ୍ଣରେଖା ନଦୀର ରାଜଘାଟ ପୋଲ ତଳୁ ଜଣେ ଟ୍ୟାଙ୍କର ଡ୍ରାଇଭରଙ୍କ ମୃତଦେହ ମିଳିଥିଲେ ମଧ୍ୟ ପୋଲିସ ଅନ୍ଧାରରେ ବାଡ଼ି ବୁଲାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜଳେଶ୍ୱର ଥାନା ଅଧିକାରୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କିଛି କହିବାକୁ ମନା କରିଦେଇଛନ୍ତି।

# ମହିଳାଙ୍କୁ କଚାଡ଼ି ମାରିଲା ହାତୀ

**ଖଇରା,୧୦ା୭(ଡି.ଏନ.ଏ)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ କୋହ୍ଲସାହିର ସମା ହୋଙ୍କ ସ୍ତ୍ରୀ ଦ୍ରୌପଦୀ(୪୫) ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଶନିବାର ସନ୍ଧ୍ୟାରେ ମହୁଲପଙ୍ଖାରୁ ରଥ ଦେଖି ଫେରୁଥିବା ବେଳେ ଏକ ଅନ୍ଧାରିଆ ସ୍ଥାନରେ ଛିଡ଼ା ହୋଇଥିବା ୨ଟି ହାତୀ ହାବୁଡ଼ରେ ସେ ପଡ଼ି ଯାଇଥିଲେ। ଗୋଟିଏ ହାତୀ ତାଙ୍କୁ କଚାଡ଼ି ଦେବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ଉଦ୍ଧାର କରିବାକୁ ଆସିଥିଲେ ହେଁ ସେତେବେଳକୁ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଖବରପାଇ ସୋର ରେଞ୍ଜର ବବିତା ସୋରେନ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ଗ୍ରାମରେ ଷ୍ଟ୍ରୀଟଲାଇଟ୍ ଲଗାଇବାକୁ ବାରମ୍ବାର ଦାବି କରାଯାଉଥିଲେ ହେଁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଯୁବନେତା ଦୈତାରୀ ପଣ୍ଡା କହିଛନ୍ତି। ବନ ବିଭାଗ ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ପ୍ରାକ୍ତନ ସରପଞ୍ଚ ବିଷ୍ଣୁପଦ ଘଡ଼େଇ ଦାବି କରିଛନ୍ତି।


ଶୋକସନ୍ତପ୍ତ ପରିବାର ବର୍ଗ।

# ଆଦିବାସୀ ବାଳିକା ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

**କୁଆମରା, ୧୦ା୭ (ଡି.ଏନ.ଏ.)**

ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଗୋପବନ୍ଧୁ ନଗର ବ୍ଲକର ଆରପଟା ଆଶ୍ରମ ବିଦ୍ୟାଳୟରେ ରବିବର ଅଭିଭାବକ, ପରିଚାଳନା କମିଟି ଓ ଶିକ୍ଷକଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ପ୍ରଧାନ ଶିକ୍ଷୟିତ୍ରୀ ଦେବସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷାବିତ୍ ଗୌରମୋହନ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ଜେନା, ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ସିଂ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଙ୍କ ସୁରକ୍ଷା, ଉନ୍ନତମାନର ଶିକ୍ଷାଦାନ, ସ୍ୱାସ୍ଥ୍ୟ ଓ ଜୀବନ କୌଶଳ ଉପରେ ଆଲୋଚନା ହୋଇଥିଲା। ଏଥିରେ ଶତାଧିକ ଅଭିଭାବକ, ସ୍ଥାନୀୟ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ଶିକ୍ଷକ ସରୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଶିକ୍ଷୟିତ୍ରୀ ଜୟନ୍ତୀ ବେହେରା, ସୁଷମା ମଞ୍ଜରୀ ଦୀକ୍ଷିତ, ତୁଷାର କ୍ଷ୍ନଯା ଘୋଷ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

# ଶ୍ରାବଣୀ ଯାତ୍ରା ପାଇଁ ସମୀକ୍ଷା

## ଅନୁଧ୍ୟାନ କଲେ ପୂର୍ବାଞ୍ଚଳ ଆଇଜି, ଏସ୍‌ପି

**ଆରଡି,୧୦ା୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଚଳିତବର୍ଷ ଶ୍ରାବଣୀ ଯାତ୍ରା ସୁରୁଖୁରୁରେ ସମ୍ପାଦନ ପାଇଁ ରବିବାର ନୂତନ ଅତିଥି ଭବନରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଭଦ୍ରକ ଏସ୍‌ପି ଚରଣ ସିଂ ମୀନା ସମୀକ୍ଷା କରିଛନ୍ତି। କରୋନା ପାଇଁ ଦୁଇବର୍ଷ ହେଲା କାଉଡ଼ିଆମାନେ ଏଠାରେ ଜଳଲାଗି କରିପାରି ନ ଥିଲେ। ଚଳିତବର୍ଷ ଭିଡ଼ ହେବାର ସମ୍ଭାବନା ଥିବାରୁ ପୀଠରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପାଇଁ ସ୍ଥିର କରାଯାଇଛି। ଆଇଜି ଓ ଏସ୍‌ପି ପୀଠ ନିକଟରେ ଥିବା ବୈତରଣୀ ଏବଂ ସାଳନ୍ଦୀ ନଦୀର ତିନିତର, ମୁଆଁ ଘାଟକୁ ଯାଇ ବୁଲି ଦେଖିଥିଲେ। ସେହିପରି ମନ୍ଦିର ବେଢ଼ା ପରିସର ବୁଲି ଅନୁଧ୍ୟାନ କରିଥିଲେ।

ସେହିପରି ଶୃଙ୍ଖଳିତ ଭାବେ ଜଳଲାଗି ପାଇଁ ମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ବ୍ୟାରିକେଡ୍ ସହ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନେଇ ମନ୍ଦିର ପ୍ରଶାସନ ସହ ଆଲୋଚନା କରିଥିଲେ। ଏଥିପାଇଁ ପୀଠରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ। ଚଳିତବର୍ଷ ୫ ପାଳି (ସୋମବାର)ରେ ଜଳଲାଗି ହେବ। ଗତ ଜୁନ ୩୦ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୀଠରେ ଆଲୋକୀକରଣ,


ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଭଦ୍ରକ ଏସ୍‌ପି ଚରଣ ସିଂ ମୀନା ଆଖଣ୍ଡଳମଣି ମନ୍ଦିର ବେଢ଼ା ପରିସର ବୁଲି ଦେଖୁଛନ୍ତି।

ପାନୀୟଜଳ, ଗମନାଗମନ, କାଉଡ଼ିଆଙ୍କ ଯାତ୍ରାରେ ସୁବ୍ୟବସ୍ଥା ଲାଗି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏସବୁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସମୀକ୍ଷା ବୈଠକରେ ଆଇଜି ଓ ଏସ୍‌ପି ପ୍ରକାଶ କରିଥିଲେ। ମନ୍ଦିର ପ୍ରଶାସନିକ ଅଧିକାରୀ ବିଦ୍ୟାଧର ପଲାଇ, ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ମଲ୍ଲଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ, ବରିଷ୍ଠ ସେବାୟତମାନେ ବୈଠକରେ ଉପସ୍ଥିତ ଥିଲେ।

**D.D. Autonomous College, Keonjhar**

**Quotation Call for Group D staff**

Sealed quotations are invited from the reputed registered Agencies for providing group D staff to this college . The quotations must be sent through speed post / registered post. The quotations must be reached at the office of the undersigned on or before the last date of submission of quotation within office hour. The postal delay will not be entertained.

Last date of submission of quotation is dt. 25.07.2022 (5.00 P.M.). For details please visit the college website:- www.ddcollege.nic.in

**Sd./- Principal**
**D.D. (Auto.) College, Keonjhar**

**Government of Odisha**
**Higher Education Department** No.N-18

Entrance Examination Schedule
Common PG Entrance Test-2022(CPET-2022) for Admission into State Public Universities and Colleges with P.G. Courses

| Date | Session-I 10.00-11.30 AM (10.00-12.00 Noon for PwD students) Entrance Subjects | Session-II 12.30-2.00 PM (12.30-2.30 PM for PwD students) Entrance Subjects | Session-III 3.00-4.30 PM (3.00-5.00 PM for PwD students) Entrance Subjects |
|---|---|---|---|
| 01-Aug-22 (MON) | Anthropology(Arts) | Geography | MBA (Business Administration) |
| | Anthropology(Science) | Marine Science-Oceanography | |
| 02-Aug-22 (TUE) | Physics | LLM | Commerce |
| 03-Aug-22 (WED) | Microbiology | Zoology | PMIR/IRPM |
| | Hindi /English | Statistics | |
| 04-Aug-22 (THU) | Environmental Science | Odia | Philosophy |
| | Sociology | Food Sc. & Nutrition | Population Studies |
| 05-Aug-22 (FRI) | Economics | Geology | Rural Development |
| | Home Science | History | |
| 06-Aug-22 (SAT) | Public Administration | M.Sc. (Computer Science) | Environmental Studies |
| 08-Aug-22 (MON) | Botany | Chemistry | Library and Information Science |
| | Education | | |
| 10-Aug-22 (WED) | Santali/Sanskrit/Urdu | Mathematics | Journalism and Mass Communication |
| | Material Science | Linguistics | |
| 12-Aug-22 (FRI) | Wildlife and Biodiversity Conservation | Biotechnology | MSW (Master of Social Work) |
| | Yoga and Naturopathy | Political Science | |
| 13-Aug-22 (SAT) | Women Studies | Psychology | Marine Science-Marine Biology |
| | Electronic Science | MBA(Tourism and Travel Studies) | |

N.B.:-1. Higher Education Department has every right to change the datelines without mentioning reasons thereof. Any change in the dateline will be published in the newspapers as well as in the website **www.samsodisha.gov.in.**
2. Applicants applying for different P.G. Courses can visit the SAMS website to know the subjects included under each Entrance Subject (Annexure-II of Common Prospectus).

**OIPR-11001/13/0012/2223** **Sd./- Deputy Director, PTC**

## ଅଜୟ ଚାଇଁପୁର ସମବାୟ ସମିତି ସଭାପତି

ବନ୍ତ,(ଡି.ଏନ.ଏ)- ଭଦ୍ରକ ଜିଲା ବନ୍ତ ବ୍ଲକ ଚାଇଁପୁର ସେବା ସମବାୟ ସମିତିର ସଭାପତି ଭାବେ ବିଜେଡି ସମର୍ଥିତ ପ୍ରାର୍ଥୀ ଅଜୟ କୁମାର ନାୟକ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଡ. ସୁଧାଂଶୁ ଶେଖରକର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗୌରାଙ୍ଗ ପଣ୍ଡା, ଗୋପାଳ ଚନ୍ଦ୍ର ପଣ୍ଡା, ଗୌରାଙ୍ଗ ବେହେରା, ଶେଷଦେବ ସେଠୀ, ସଞ୍ଜୟ ଚଣ୍ଡରାଏ, ହିମାଂଶୁ ନାୟକ, ଇନ୍ଦ୍ରମଣି ସେଠୀ, ଲକ୍ଷ୍ମୀଧର ବେହେରା, କୌଶିକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାହୁଡ଼ାଯାତ୍ରା ବେଳେ ବିଦ୍ୟୁତ୍ ସେବା ବ୍ୟାହତକୁ ନେଇ ଅସନ୍ତୋଷ

ରାଇରଙ୍ଗପୁର,୧୦।୭ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁରରେ ବାହୁଡ଼ାଯାତ୍ରା ବେଳେ ଶନିବାରସହରାଞ୍ଚଳରେ ଅପରାହ୍ନ ପ୍ରାୟ ୪ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ବାହୁଡ଼ାଯାତ୍ରା ଦେଖିବାକୁ ସ୍ଥାନୀୟ ସହରାଞ୍ଚଳଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳ ସହ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଯୋଗୁ ପ୍ରବଳ ଭିଡ଼ ହୋଇଥିଲା। ଏହି ସମୟରେ ବିଦ୍ୟୁତ୍ କାଟ୍‌ର ସୁଯୋଗ ନେଇ ସହରାଞ୍ଚଳରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ଘଟିଥିଲା। ମିନାବଜାର ପରିସରରେ ପ୍ରବଳ ଭିଡ଼ରେ ଯୁବତୀ ଏବଂ ମହିଳାଙ୍କ ପ୍ରତି ଅସଦାଚରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ସେହିପରି ରାତିରେ ସ୍ଥାନୀୟ କଚେରି ଛକ ନିକଟସ୍ଥ ରାସ୍ତାରେ ଖବରଦାତା ଅକ୍ଷୟ ବିଶ୍ୱାଳଙ୍କ ବାଇକ୍ ଚୋରି ହୋଇଥିବା ପୋଲିସ ନିକଟରେ ଅଭିଯୋଗ କରାଯାଇଛି।

### ଜଳିଗଲା ୩ ବଖରା

ରୂପ୍‌ସା,୧୦।୭(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅଧୀନ ହାତିଆଡିହା ଗାଁରେ ଅଗ୍ନିକାଣ୍ଡ ଘଟି ୩ ବଖରା ଭସ୍ମୀଭୂତ ହୋଇଯାଇଛି। ଶନିବାର ରାତିରେ ଏହି ଗାଁର ଉର୍ମିଳା ବେହେରାଙ୍କ ଘରେ ବିଦ୍ୟୁତ୍ ସଟ ସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ଖବର ପାଇ ବସ୍ତା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ବିପନ୍ନ ପରିବାରକୁ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ବନମହୋତ୍ସବ ସପ୍ତାହ ପାଳିତ

ପାଟଣା,୧୦।୭(ସ୍ୱ. ପ୍ର.): ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ୭୩ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ବେଗୁନାଖମଣ ସ୍ଥିତ ପଞ୍ଚାୟତ ହାଇସ୍କୁଲରେ ସାଧାରଣ ସଭା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆୟୋଜିତ ସଭା ଶିକ୍ଷକ ଶ୍ରୀନିବାସ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଟଣା ରେଞ୍ଜର ଘାସିନାଥ ପାତ୍ର ଯୋଗଦେଇ ବୃକ୍ଷରୋପଣର ଉପକାରିତା ଉପରେ ଆଲୋକପାତ କରିଥିଲେ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ମନୋରଞ୍ଜନ ମହାନ୍ତ, ସହଦେ ମହାନ୍ତ, ଲକ୍ଷ୍ମଣ ମହାନ୍ତ, ସତ୍ୟନାରାୟଣ ମହାନ୍ତ ଓ ପ୍ରଫୁଲ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

### ୧୪୧ ୟୁନିଟ ରକ୍ତ ସଂଗୃହୀତ



ଭଦ୍ରକ ଅଫିସ,୧୦।୭-ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ଏହି ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ସଂଯୋଜନା କରିଥିଲେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ବୈରରଞ୍ଜନ ଦାଶ। ବାଣିଜ୍ୟ ବିଭାଗ ପରିସରରେ ଆୟୋଜିତ ଶିବିରରେ କଲେଜର ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କ କର୍ମଚାରୀମାନଙ୍କ ତତ୍ତ୍ୱାବଧାନରେ ୧୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜାତୀୟ ସେବା ଯୋଜନାର ରାଜ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ନିଖିଲ କୁମାର ପାଣିଗ୍ରାହୀ ଶିବିର ପରିଦର୍ଶନରେ ଆସିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ସୁଦର୍ଶନ ଦାସ, ଦୁଃଖୀରାମ ନାୟକ ଓ ସ୍ୱପ୍ନା ସୋନାଲିକା ଜେନା ଶିବିର ପରିଚାଳନା କରିଥିଲେ।

# କଞ୍ଚାମାଲ ଯୋଗାଣ, ବଜାର ସୃଷ୍ଟି ଉପରେ ଗୁରୁତ୍ୱ

ଜଳେଶ୍ୱର,୧୦।୭(ଡି.ଏନ.ଏ.)

**ମାକିଡ଼ିଆ ଟସର ବୁଣାକାର ଗୋଷ୍ଠୀଙ୍କ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ**

ବାଲେଶ୍ୱରର ନୂତନ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜଳେଶ୍ୱର ବ୍ଲକ ଅଧୀନ ମାକିଡ଼ିଆଠାରେ ଥିବା ଟସର ଶିଳ୍ପ ପରିଦର୍ଶନ ସହ ସମୀକ୍ଷା କରିଛନ୍ତି। ଟସରରୁ ଲୁଗା ବୁଣିବା ଏବଂ ରଙ୍ଗ କରିବା ଲାଗିବିଭିନ୍ନପର୍ଯ୍ୟାୟରେବୁଣାକାରମାନଙ୍କୁ ପ୍ରଶିକ୍ଷଣ ଦେବା ଜରୁରୀ ତଥା ଆଗାମୀ ଦିନରେ ବଜାର ସୃଷ୍ଟି କରାଯିବା ଉଚିତ୍ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

ମାକିଡ଼ିଆଠାରେ ପ୍ରାୟ ୪ଶହ ବୁଣାକାର ଦୁଃଖ ଦୈନ୍ୟତା ମଧ୍ୟରେ ଟସର ଶିଳ୍ପକୁ ବଞ୍ଚାଇ ରଖିଛନ୍ତି । ବିଭିନ୍ନ ସମୟରେ ସେମାନଙ୍କୁ କାଁ ଭାଁ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଆର୍ଥିକ ଦୂରବସ୍ଥା ଯୋଗୁ ଟସର ଯୋଗାଣ, କୋଷ ଆମଦାନୀ, ତନ୍ତର ଆଧୁନିକୀକରଣ, ବିଭିନ୍ନ ପ୍ରଶିକ୍ଷଣ ଓ ସର୍ବୋପରି ବଜାର ସୃଷ୍ଟି ଲାଗି ବୁଣାକାର ସଂଘ ପକ୍ଷରୁ ଦାବି ହୋଇ ଆସୁଛି। ବୁଣାକାରମାନେ ପ୍ରତିଦିନ କାମ ପାଇ ପାରୁ ନ ଥିବାରୁ ତନ୍ତ କାର୍ଯ୍ୟ ଛାଡ଼ି ସେମାନେ ଦୂର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଥିବା ଅଭିଯୋଗ ହୋଇଛି। ଏସବୁ ସମସ୍ୟା ସମ୍ପର୍କରେ ବିଷଦ ଭାବେ ଜାଣିବା ଲାଗି ଜିଲାପାଳ ଶିନ୍ଦେ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ତ୍ରୀଶକ୍ତି, ସପ୍ତଭଗିନୀ ଓ ରାଧାକୃଷ୍ଣ ଟସର ଉତ୍ପାଦକ ଗୋଷ୍ଠୀ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ । ବଙ୍କିମ ଚନ୍ଦ୍ର ଦାସ, ତାପସ ଚନ୍ଦ ଏବଂ ଝଗଡ଼େଶ୍ୱର ଟସର ତନ୍ତୁବାୟ ସମିତିର କର୍ମକର୍ତ୍ତାମାନେ ଅତୀତର ଟସରତନ୍ତ ସମ୍ପର୍କରେ ଜିଲାପାଳଙ୍କୁ ବୁଝାଇଥିଲେ।



ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଟସର ଲୁଗା ଦେଖୁଛନ୍ତି।

ଏହାର ଆଧୁନିକୀକରଣ କରାଗଲେ ବୁଣାକାରମାନେ ଅଧିକ ଲାଭବାନ ହୋଇ ପାରିବା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଜିଲାପାଳ କହିଥିଲେ। ଜିଲାପାଳଙ୍କ ସହିତ ଜିଲା ପ୍ରକଳ୍ପ ଅଧିକାରୀ ରବୀନ୍ଦ୍ର ସାହୁ, ଜିଲା ଓରମାସର ଡେପୁଟି ସିଇଓ ଜିତେନ୍ଦ୍ର କୁମାର ବିଶ୍ୱାଳ, ମିଶନ ଶକ୍ତିର ଡିପିସି ବିଶ୍ୱଜିତ୍ ପରିଡ଼ା, ବିପିଏମ୍ ମଧୁସ୍ମିତା ଦାସ, ବିଡିଓ ସ୍ମୃତିରଞ୍ଜନ ମଲ୍ଲିକ, ବିପିସି ଲୋପାମୁଦ୍ରା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ଭଦ୍ରକ ଇଦ୍‌ଗାଠାରେ ନମାଜ ପାଠ।

## ବଳିଦାନର ପର୍ବ ଇଦ୍-ଉଜ୍-ଜୁହା

ଭଦ୍ରକ ଅଫିସ,୧୦।୭

ଭଦ୍ରକ ସହରରେ ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଜ୍-ଜୁହା ରବିବାର ପାଳିତ ହୋଇଯାଇଛି। ମୁସ୍‌ଲିମ ଧର୍ମାବଲମ୍ବୀମାନେ ସକାଳୁ ବିଭିନ୍ନ ମସ୍‌ଜିଦ ଏବଂ ଇଦ୍‌ଗାକୁ ଯାଇ ନମାଜ ପାଠ କରିଥିଲେ। ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ମୁସ୍‌ଲିମ ଲୋକେ ଏକାଠି ହୋଇ ଇଦ୍‌ଗାହାଠାରେ ସମୂହ ନମାଜ ପାଠରେ ସାମିଲ ହୋଇଥିଲେ। ପରେ ସେମାନେ ପରସ୍ପରଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇଥିଲେ। ସେଠାରେ ଉପସ୍ଥିତ ଥିବା ବିଭିନ୍ନ ଦଳର ନେତା, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ହିନ୍ଦୁ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଜିର ଦିନରେ ଆଲ୍ଲା ତାଙ୍କ ପ୍ରିୟ ଭକ୍ତଙ୍କୁ ଭକ୍ତି ପରୀକ୍ଷା ପାଇଁ କୁରୁବାନି ମାଗିଥିଲେ। ଏହି ପ୍ରଥାକୁ ସ୍ମରଣ କରିବା ପାଇଁ ପର୍ବ ପାଳନ କରାଯାଉଥିବା ଚଉଦ ମହଲା ମୁସ୍‌ଲିମ ଜମାତ ସଭାପତି ମହମ୍ମଦ ଅବଦୁଲ ବାରି କହିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ୨୦ ପ୍ଲାଟୁନ ଫୋର୍ସ ବିଭିନ୍ନ ସ୍ଥାନରେ ମୁତୟନ ସହ ୬୦ଜଣ ଅଫିସରଙ୍କୁ ନିୟୋଜିତ କରାଯାଇଥିବା ଭଦ୍ରକ ଏସ୍‌ପି ଚରଣ ସିଂ ମୀନା କହିଛନ୍ତି।

## ବିଜେଡି ପକ୍ଷରୁ ଚାରାରୋପଣ

ପାଟଣା,୧୦।୭(ସ୍ୱ. ପ୍ର.)

ବିଜେଡିର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଯୁବ ବିଜେଡି ସଭାପତି ରଘୁବର ମହାନ୍ତଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ ଯୋଗଦେଇ ଚାରାରୋପଣ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅନିରୁଦ୍ଧ ନାଏକ, ସମିତିସଭ୍ୟ ଭାଗବତ ନାଏକ, ବରିଷ୍ଠ ବିଜେଡି ନେତା ତଥା ଅବସରପ୍ରାପ୍ତ ପାଟଣା ମହାବିଦ୍ୟାଳୟ ଅଧକ୍ଷ ଶଙ୍କର୍ଷଣ ସାହୁ, ଗୋପବନ୍ଧୁ ପୃଷ୍ଟି, ଗୋବିନ୍ଦ ସାହୁ, ଲିପୁ ପୃଷ୍ଟିଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍କୁଲ ପରିସରରେ ଚାରାରୋପଣ

ଧାମନଗର, ୧୦।୭(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ବନ୍ଧଟିଆସ୍ଥିତ ଉତ୍କଳମଣି ଗୋପବନ୍ଧୁ ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ଚୁନିବାଳା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସମିତି ସଦସ୍ୟ ସୂର୍ଯ୍ୟକାନ୍ତ ନାୟକ, ଏବିଇଓ ଅନିଲ କୁମାର ବଳଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ଦୋବଲ ପଞ୍ଚାୟତ ସୋଧ ସ୍କୁଲ ପରିସରରେ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ପଣ୍ଡା, ସମିତିସଭ୍ୟା ଗୁନିଲତା ସାହୁ, ସିଆର୍‌ସିସି ପୁରୁଷୋତ୍ତମ କରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଚାରାରୋପଣ କରିଥିଲେ। ବୈତରଣୀ ହାଇସ୍କୁଲ ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଜିଲା ପରିଷଦ ଉପାଧ୍ୟକ୍ଷା, ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲ ପ୍ରମୁଖ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବନ ମହୋତ୍ସବରେ ସଚେତନତା କାର୍ଯ୍ୟକ୍ରମ

ବୈଶିଙ୍ଗା, ୧୦।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବୈଶିଙ୍ଗା ବନପାଳ ଅଧୀନ ବର୍ତ୍ତନା ଭିଏସଏସ ଅଧୀନରେ ୭୩ତମ ବନମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୩୭ନଂ. ଜୋନ ଜିଲା ପରିଷଦ ସଦସ୍ୟା ଧାନୀ କିସ୍କୁ,ସମ୍ମାନନୀୟ ଅତିଥି ଭାବେ ବୈଶିଙ୍ଗା ବନପାଳ ଦୁଲାଲ ଚନ୍ଦ୍ର ଦିଗାର, ଓଏଫ୍ଏସ୍‌ଡିପି ସଂଯୋଜକ ନିହାର ରଞ୍ଜନ ସାମଲ, ରତିକାନ୍ତ ବେହୁରା, ଏନିମେଟର ପ୍ରଭାତ ସେଠୀ, ଲିଲାବତୀ ମାଝି, କୋଷାଧ୍ୟକ୍ଷ ଭଗବାନ ସାହୁ, ପାନେଶରୀ ମାଝି, ନିଶାମଣି ସିଂ, ରଘୁନାଥ ପ୍ରଧାନ, ଭିଏସଏସ ସଭାପତି ଜଳଧର ସିଂଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଜଙ୍ଗଲ ବିଭାଗ ତରଫରୁ ଭିଏସଏସ ପରିସରରେ ଚାରାରୋପଣ କରାଯିବା ସହ ଉପସ୍ଥିତ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏନିମେଟର ପ୍ରଭାତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବୈଶିଙ୍ଗା ଥାନା ଅଧୀନ ଅଁଳା ପଞ୍ଚାୟତ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ଶିକ୍ଷାବିତ୍ ତଥା ପରିଚାଳନା କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ବନମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟରେ ଗଠିତ ଇକୋ କ୍ଲବର ନୋଡାଲ ଶିକ୍ଷୟିତ୍ରୀ ସୁବାସିନୀ ପରିଡାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ପରିଚାଳନା କମିଟି ସଭାପତି ଶରତଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ଓ ନିରାପତ୍ତା ସପ୍ତାହ ପାଳିତ ହୋଇଥିଲା। ଶିକ୍ଷୟିତ୍ରୀ ଦୀପାଞ୍ଜଳି ଦାସ, ସରସ୍ୱତୀ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ରଜତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଛ ଲଗାଇଲେ ପୁରାତନ ଛାତ୍ର

ଖଇରା,୧୦।୭(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡ଼ପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଦ୍ୱାରା ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂଘର ସଭାପତି ଶତ୍ରୁଘ୍ନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ତପନ କୁମାର ବେହେରା, ମୁକ୍ତିକାନ୍ତ ଭୂୟାଁ, ଭରତ ଚନ୍ଦ୍ର ଦାସ, କ୍ଷୀରୋଦ ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରଜାତିର ୧ଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ପ୍ରଧାନଶିକ୍ଷକ ରମାକାନ୍ତ ଶତପଥୀ, ଖଇରା ଅଞ୍ଚଳରେ ଟ୍ରିମ୍ୟାନ ଭାବେ ଖ୍ୟାତିଲାଭ କରିଥିବା ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ଦାବି

ଭଦ୍ରକ ଅଫିସ, ୧୦।୭

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ବିଶ୍ୱବିଦ୍ୟାଳୟ ପାଇଁ ପୂର୍ବତନ ବିଧାୟକ ନରେନ ପଲେଇଙ୍କ ନେତୃତ୍ୱରେ ରବିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ମଧ୍ୟରେ ଜାତୀୟ ରାଜପଥ, ପୂର୍ବତଟ ରେଳପଥ, ଧାମରା ବନ୍ଦର ତଥା ଅନେକ ଛୋଟବଡ଼ ଉଦ୍ୟୋଗ ରହିଥିବା କାରଣରୁ ପ୍ରତିଦିନ ଅନେକ ଦୁର୍ଘଟଣା ଘଟୁଛି। ଦୁର୍ଘଟଣାରେ ଆହତ କିମ୍ବା ଗୁରୁତରମାନଙ୍କ ତ୍ୱରିତ ଚିକିତ୍ସା ପାଇଁ ମେଡିକାଲ କଲେଜ ଆବଶ୍ୟକ। ସେହିପରି ଜିଲାର ସମସ୍ତ ମହାବିଦ୍ୟାଳୟ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ। ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଭଦ୍ରକରେ ବିଶ୍ୱବିଦ୍ୟାଳୟ ଏବଂ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପୂର୍ବତନ ବିଧାୟକ ପଲେଇ ଦାବି ଜଣାଇବା ସହ ଉପଜିଲାପାଳ ମନୋଜ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସମର୍ଥକ ବିଭୂତି ଭୂଷଣ ସାହୁ, ଧବଳେଶ୍ୱର ପଣ୍ଡା, ମନୋଜ ଜତି, ଗିରିଶ ପଣ୍ଡା, ଟୁକୁ ସାହୁ, ଚନ୍ଦ୍ରଭାନୁ ପଲେଇ, ଶେଖ୍ ସବର ଖାଁ, ଗୌତମ ମୈତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜାତୀୟ ମତ୍ସ୍ୟଚାଷୀ ଦିବସ

କେନ୍ଦୁଝର, ୧୦।୭(ଡି.ଏନ୍.ଏ.)

କେନ୍ଦୁଝର ପୁରୁଣାସହର ସ୍ଥିତ ସରକାରୀ ମତ୍ସ୍ୟ ଫାର୍ମ ଦିଗଦାନ୍ ସଭାଗୃହରେ ଜିଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୩ଟି ବ୍ଲକରୁ ୫୦ରୁ ଉର୍ଦ୍ଧ୍ୱ ମତ୍ସ୍ୟ ଚାଷୀ,ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବାୟୋଫ୍ଲକ ଚାଷୀ ଯୋଗ ଦେଇଥିଲେ। ଏଥିରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ ମୁଖ୍ୟଅତିଥିଭାବେ ଯୋଗ ଦେଇ ମତ୍ସ୍ୟ ଚାଷର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲାରେ ୨୦୨୨-୨୩ରେ ୫୦ ହେକ୍ଟର ମତ୍ସ୍ୟ ପୋଖରୀ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କେନ୍ଦୁଝର ଦିଗଦାନ୍ ଫିସ୍ ଫାର୍ମରୁ ଚଳିତ ବର୍ଷ ୭୦ ଲକ୍ଷ ଜାଆଁଳ ବିକ୍ରି କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ଏବଂ ଏହି ଫାର୍ମରୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଗୁଣ୍ଡ ଜାଆଁଳ ଓ ଆଙ୍ଗୁଳିକା ଜାଆଁଳ ମଧ୍ୟ ବିକ୍ରି ଆରମ୍ଭ ହୋଇଛି। ବାଂଶପାଳ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକ, ହରିଚନ୍ଦନପୁର ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ କାମପାଳ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ଶିକ୍ଷକ-ଅଭିଭାବକ ସମ୍ମିଳନୀ

ଖଇରା,୧୦।୭(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କବର ଓ ଗଗୁଆ ସେବାଶ୍ରମ ବିଦ୍ୟାଳୟରେ ରବିବାର ଶିକ୍ଷକ -ଅବିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କବର ସେବାଶ୍ରମ ପରିସରରେ ପ୍ରଧାନଶିକ୍ଷକ ସଞ୍ଜୟ ଭଟ୍ଟରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଅନ୍ତେବାସୀଙ୍କ ଉପସ୍ଥାନ କିଭଳି ଅଧୀକ ବଢ଼ିବ,ସରକାରଙ୍କ ଦ୍ୱାରା ପ୍ରଣୟନ ହେଉଥିବା ବିଭିନ୍ନ ଯୋଜନାର ଲାଭ ବିଦ୍ୟାଳୟର ଅନ୍ତେବାସୀଙ୍କୁ ମିଳିପାରିବ, ବାଲ୍ୟବିବାହ ରୋକାଯିବା ସମ୍ପର୍କରେ ସଚେତନ କରିଥିଲେ। ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତପନ କୁମାର ବେହେରା, ଭଗବାନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ତଥା ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୨ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଗଗୁଆ ସେବଶ୍ରମ ବିଦ୍ୟାଳୟରେ ମଧ୍ୟ ପ୍ରଧାନଶିକ୍ଷୟତ୍ରୀ ନୟନାଲତା ପଣ୍ଡାଙ୍କ ସଭାପତିତ୍ୱରେ ଏହି ଅବିଭାବକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।



କବର ସେବାଶ୍ରମରେ ଜଣେ କୃତୀଛାତ୍ରୀଙ୍କୁ ବିଧାୟକ ପୁରସ୍କୃତ କରୁଛନ୍ତି।

# ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର ଅଫିସ,୧୦।୭

ବାଲେଶ୍ୱର ଚାନ୍ଦିପୁର ରୋଡ୍ ସ୍ଥିତ ଯୁକ୍ତ୨ ବିଜ୍ଞାନ କଳା ବିଦ୍ୟାଳୟରେ ଚଳିତବର୍ଷ ମାଟ୍ରିକପରୀକ୍ଷାରେଏ-୧ ଗ୍ରେଡ୍‌ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ଓ ପିଲାମାନଙ୍କ ଭବିଷ୍ୟତ ତିଆରି କରିବା ପାଇଁ ନିଷ୍ଟ କଲେଜରେ ଏହା ଏକ ଭିନ୍ନ ଧରଣର ପ୍ରୟାସ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯାତ୍ରା କଳାକାର ବାପି ପଣ୍ଡା ଯୋଗଦେଇ ବିଦ୍ୟାଳୟର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଯାତ୍ରା ଜଗତର ସୁପ୍ରସିଦ୍ଧ ଖଳନାୟକ ସଞ୍ଜୟ ଭୋଳ ବିଭିନ୍ନ ସଂଳାପ କହି ପିଲାମାନଙ୍କ ମନ ମୋହିଥିଲେ। ନାୟିକା ଲିଜା ପଣ୍ଡା ଶିକ୍ଷା ହିଁ ସବୁର ମାପକାଠି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଡ. ପଙ୍କଜ କୁମାର ଜେନା ଯୋଗଦେଇ ଆଗାମୀ ଦିନରେ ଜିଲାରୁ ମେଡ଼ିକାଲ ଓ ଇଞ୍ଜିନିୟରିଂରେ ଟପ୍ପର କେମିତି ବାହାରିବେ ସମସ୍ତେ ଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ। ସମସ୍ତେ ଚେଷ୍ଟା କଲେ ଜିଲା ଏକ ନମ୍ବର ରହିବ ବୋଲି କହିଥିଲେ। ଅଧ୍ୟାପକ ବିଦ୍ୟାଧର ପ୍ରଧାନ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଧ୍ୟାପକ ନିରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ। ଉତ୍ତମ କୁମାର ବାରିକ, ତାପସ ମିଶ୍ର, ଡ. ନିବାରଣ ସତପଥି, ସଦାଶିବ ଜେନା, ଅଜିତ୍ କୁମାର ସାହୁ, ମନୋଜ କୁମାର ପ୍ରଧାନ, ମାନସ ରଞ୍ଜନ ବେହେରା, ନୃସିଂହ କୁମାର ପରିଡ଼ା, ପୁଷ୍ପ ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ।



ଜଣେ ଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ଜିଲାସ୍ତରୀୟ ଇ-ନାମଲେଖା ପ୍ରଶିକ୍ଷଣ

ବାଲେଶ୍ୱର ଅଫିସ,୧୦।୭

ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶନାମା ଅନୁଯାଇ ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ଇ-ନାମଲେଖା ପ୍ରଶିକ୍ଷଣ ଜୁମ୍ ଆପ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ରଣା ସଭାପତିତ୍ୱ କରି ଚଳିତବର୍ଷ ଜିଲାରେ +୨ ପ୍ରଥମ ବର୍ଷ ନାମଲେଖା ପ୍ରକ୍ରିୟାକୁ ସୁଚାରୁରୂପେ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ।

ଜିଲାର +୨ ନୋଡାଲ ନାମ ଲେଖା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଚଳିତ ବର୍ଷ +୨ ପ୍ରଥମ ବର୍ଷ ନାମଲେଖାରେ ଅତି ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଗୁଡ଼ିକୁ ଆଲୋଚନା କରିଥିଲେ। ନୋଡ଼ାଲ ଡିଇଓ ଅତନୁ କୁମାର ସାହୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପ୍ରକ୍ରିୟାକୁ ଦ୍ୱରାନିତ୍ୱ କରିଥିଲେ। ଏହି ଜିଲାସ୍ତରୀୟ ପ୍ରଶିକ୍ଷଣରେ ବିଭିନ୍ନ ଯୁକ୍ତ୨ ମହାବିଦ୍ୟାଳୟର ଅଧକ୍ଷ, ନାମଲେଖା ଅଧିକାରୀ ତଥା ଡିଇଓମାନେ ଯୋଗଦାନ କରିଥିଲେ। ଚଳିତବର୍ଷ +୨ ପ୍ରଥମବର୍ଷ ନାମଲେଖା ମାଟ୍ରିକ ପରୀକ୍ଷା ରେଜଲ୍ଟ ବାହାରିବାର ୭ ଦିନ ପରେ ପ୍ରଥମ ଫେଜ୍ ନାମ ଲେଖା ଓ ମାଟ୍ରିକ ସପ୍ଲିମେଣ୍ଟାରୀ ରେଜଲ୍ଟ ବାହାରିବାର ୭ ଦିନ ପରେ ଦ୍ୱିତୀୟ ଫେଜ୍ ନାମ ଲେଖା ହେବ ବୋଲି ସୂଚନା ଦିଆଯାଇଥିଲା। ଆଡମିଶନ ଦିନ ପ୍ରତି ଘଣ୍ଟାରେ ୧୫ ଜଣ ଛାତ୍ରୀଛାତ୍ରଙ୍କ ଆଡମିଶନ କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସିବିଏସ୍‌ସି ଛାତ୍ରୀଛାତ୍ରମାନଙ୍କ ସମୁଦାୟ ମାର୍କ ୫୦୦ ଧରିବା, ସବୁ ଆବେଦନକାରୀ ନିଜ କମନ୍ ଆପ୍ଲିକେସନ୍ ଫର୍ମରେ ନିଜ ହ୍ୱାଟସ ଆପ ନମ୍ବର ଦେବା, ୧୬ ସଂଖ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଷ୍ଟୁଡେଣ୍ଟ ଆଇଡି ଦେବା ସହିତ ସର୍ବନିମ୍ନ ୫ ଗୋଟି ଅପସନ୍ ଓ ସର୍ବାଧିକ ଅସୀମିତ ଅପସନ୍ ଦେଇ ପାରିବେ ବୋଲି ମଧ୍ୟ ତଥ୍ୟ ପ୍ରଦାନ କରାଯାଇଥିଲା। ଯଦି ଛାତ୍ରୀଛାତ୍ରମାନେ ଡିଜି ଲକରରୁ ମାଇଗ୍ରେସନ୍ ସାର୍ଟିଫିକେଟ ଆଣନ୍ତି ତାକୁ ବୈଧ ମାନପତ୍ର ଭାବେ ଗ୍ରହଣ କରିବା ସହିତ ସ୍ଲାଇଡ୍ ଅପ୍ ଅନୁରୋଧକୁ ଆଡମିଶନ ସମୟରେ ଛାତ୍ରୀଛାତ୍ରମାନଙ୍କୁ ଭଲ ଭାବେ ଅବଗତ କରିବା ସହିତ ଝାଡ଼ଖଣ୍ଡ ବୋର୍ଡ ଆବେଦନକାରୀ ସମସ୍ତଙ୍କ ରୋଲ ନମ୍ବର ଏକାଥିବାରୁ ରୋଲ୍ ନମ୍ବର ସହିତ ସେମାନଙ୍କ ରୋଲ୍ କୋଡ୍ ଦେଖି ଆବେଦନ ପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। +୨ ଜିଲା ନାମ ଲେଖା ଅଧିକାରୀ ଡ. ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାନ୍ତି ଶୃଙ୍ଖଳାରେ ସରିଲା ବାହୁଡ଼ା

ଉଦଳା, (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳାରେ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି ବାହୁଡ଼ା ଯାତ୍ରା। ଶନିବାର ପ୍ରଥମ ଦିନରେ ମାଉସୀ ମା' ମନ୍ଦିରରୁ ଧାଡ଼ି ପହଣ୍ଡିରେ ଆସି ଚତୁର୍ଦ୍ଧାବିଗ୍ରହ ରଥରେ ବିଜେ କରିଥିଲେ। ଏହାପରେ ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରୀ ଛେରାପହଁରା କରିବା ପରେ ରଥ ଟଣାଯାଇଥିଲା। ପ୍ରଥମ ଦିନରେ କେବଳ ମହିଳା ଶ୍ରଦ୍ଧାଳୁମାନେ ରଥ ଟାଣିଥିବା ବେଳେ ରଥ ଆସି ହାଇସ୍କୁଲ ଛକ ନିକଟରେ ରହିଥିଲା। ରବିବାର ଦ୍ୱିତୀୟ ଦିନରେ ଶ୍ରଦ୍ଧାଳୁମାନେ ରଥ ଟାଣି ଚକାଡୋଲା ଛକ ନିକଟରେ ପହଞ୍ଚାଇଥିଲେ।

# ଲୀଳାଖେଳା ସାରି ବାହୁଡ଼ିଲେ ଶ୍ରୀଜିଉ

## ଅଧାବାଟରେ ଦେବୀ ସୁଭଦ୍ରା, ଆଜି ଗଡ଼ିବ ତାଳଧ୍ୱଜ

ବାରିପଦା ଅଫିସ,୧୦।୭

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାଠାରେ ପରମ୍ପରା ଅନୁଯାୟୀ ରବିବାର ବାହୁଡ଼ାଯାତ୍ରା ଆରମ୍ଭ ହୋଇଛି। ଜନ୍ମବେଦୀରେ ଲୀଳାଖେଳା ସାରି ଶ୍ରୀଜୀଉମାନେ ରତ୍ନବେଦୀ ଅଭିମୁଖେ ବାହାରି ପଡିଛନ୍ତି। ତିନି ରଥକୁ ଶ୍ରୀମନ୍ଦିର ନିକଟରେ ପହଞ୍ଚାଇବା ପାଇଁ ବଡ଼ଦାଣ୍ଡ ଭକ୍ତମୟ ହୋଇପଡିଛି। ରଥାରୂଢ଼ ଠାକୁରଙ୍କ ଦଉଡ଼ି ସ୍ପର୍ଶ କରିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ଉତ୍ସୁକତାର ସହ ଚାହିଁବସିଥିଲେ। ଭକ୍ତମୟ ବଡ଼ଦାଣ୍ଡ ହରିବୋଲ ହୁଳହୁଳି ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇପଡିଥିଲା। ଜଗନ୍ନାଥଙ୍କ ରଥ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ଦେବୀ ସୁଭଦ୍ରାଙ୍କ ରଥ ଅଧାବାଟରେ ଅଟକି ରହିଛି। ସୋମବାର ଭଉଣୀ ସୁଭଦ୍ରାଙ୍କ ରଥ ପହଞ୍ଚିବା ପରେ ବଡ଼ଭାଇ ବଳଭଦ୍ରଙ୍କ ରଥଟଣା ଆରମ୍ଭ ହେବ। ପରେ ରଥଟଣା ଶେଷ ହେବା ପରେ ଚତୁର୍ଦ୍ଧାମୂର୍ତ୍ତି ଦେଉଳକୁ ପହଣ୍ଡି ବିଜେ ହେବେ।

ପ୍ରତିକୂଳ ପାଗ ସତ୍ତ୍ୱେ ସୋମବାର ବାହୁଡାଯାତ୍ରା ଯଥା ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିରରେ ହରିବଳଦେବଜୀଉଙ୍କ ସୁନାବେଶ ଓ ପହଣ୍ଡି ପରେ ରଥାରୂଢ଼ ତିନି ଦିଅଁ ରୁପା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଦେବୋତ୍ତର ବିଭାଗର ସମୟ ଅନୁଯାୟୀ ରବିବାର ଅପରାହ୍ନ ୧୫ମିନିଟ ବିଳମ୍ବରେ ୨ଟା ୪୫ରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣି ୪ଟା୧୫ରେ ଶ୍ରୀମନ୍ଦିର ନିକଟରେ ପହଞ୍ଚାଇଥିଲେ। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ କେବଳ ମହିଳାମାନେ ଟାଣି ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ, ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ଅନ୍ୟା ଦାସ, ଦେବାଶିଷ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ରଥକୁ ଟାଣିଛନ୍ତି । ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ ଉପସ୍ଥିତ ରହି ରଥଯାତ୍ରା ସୁପରିଚାଳନା କରିଛନ୍ତି । ସୁଭଦ୍ରା ରଥ ନିକଟରେ ବ୍ୟାପକ ମହିଳା ପୋଲିସଙ୍କୁ ମୁତୟନ କରାଯାଇଛି। ପକେଟମାର, ଚୋରି ଓ ଛିନତାଇ ଭଳି ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ସାଧା ପୋଷାକଧାରୀ ପୋଲିସ ମୁତୟନ କରାଯାଇଛି। ତେବେ ବାରିପଦା ସହରରେ ପ୍ରବଳ ଭିଡ଼ ପରିଲକ୍ଷିତ ହେବାରୁ ବିଭିନ୍ନ ସ୍ଥାନରେ ଟ୍ରାଫିକ ବ୍ୟବସ୍ଥାରେ ସମସ୍ୟା ଦେଖାଯାଇଛି। ସେହିପରି ସୋମବାର ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ଲଡୁ ଫିଙ୍ଗା ହେବା ପରେ ଅଧାରାସ୍ତାରେ ଅଟକି ଥିବା ଦେବୀ ସୁଭଦ୍ରାଙ୍କ ରଥକୁ ପ୍ରଥମେ ଟଣାଯାଇ ଶ୍ରୀମନ୍ଦିର ନିକଟରେ ପହଞ୍ଚାଯିବ। ପରେ ବଡ଼ଭାଇ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ଲଡୁ ଫିଙ୍ଗାଯିବ। ସେହିଦିନ ସନ୍ଧ୍ୟା ୬ଟା ୩୦ରୁ ୭ଟା ୩୦ ମଧ୍ୟରେ ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କ ଭେଟ ଅନୁଷ୍ଠିତ ହେବ। ରାତି ୧୧ଟା ପରେ ତିନି ଠାକୁର ବଡ଼ଦେଉଳକୁ ପହଣ୍ଡି ବିଜେ ହେବେ। ଦେବୋତ୍ତର ବିଭାଗ ପକ୍ଷରୁ ଠାକୁରଙ୍କ ରୀତିନୀତି ସୁରୁଖୁରୁରେ ସମ୍ପନ୍ନ ହେବା ପାଇଁ ସୁବ୍ୟବସ୍ଥା ଗ୍ରହଣ କରାଯାଇଛି।



ବଡ଼ଦାଣ୍ଡରେ ବଡ଼ଠାକୁର।

## କଡ଼ା ସୁରକ୍ଷା ମଧ୍ୟରେ ବଳଦେବଜୀଉଙ୍କ ସୁନାବେଶ



ବଳଦେବଜୀଉଙ୍କ ସୁନାବେଶ।

କେନ୍ଦୁଝର, ୧୦।୭(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝରର ଆରାଧ୍ୟ ଦେବତା ବଳଦେବଜୀଉ, ଶ୍ରୀ ଜଗନ୍ନାଥ ଏବଂ ମାତା ସୁଭଦ୍ରାଙ୍କର ପବିତ୍ର ସୁନାବେଶ ରଥରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଭକ୍ତ ରଥାରୂଢ଼ ଶ୍ରୀଜୀଉଙ୍କର ସୁନାବେଶ ଦର୍ଶନ କରିବାର ଦୁର୍ଲ୍ଲଭ ସୁଯୋଗ ପାଇଥିଲେ। ଏହି ସୁନାବେଶକୁ ସୁଶୃଙ୍ଖଳିତ ଭାବେ ସମାହିତ କରିବା ପାଇଁ ଜିଲା ପ୍ରଶାସନ, ପୋଲିସ ଏବଂ ମନ୍ଦିର ପ୍ରଶାସନ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମଧ୍ୟାହ୍ନରୁ ଟ୍ରାଫିକ ବନ୍ଦୋବସ୍ତ କରାଯାଇ ଅପରାହ୍ନ ୩ଟାରେ ସୁନାବେଶ କରାଯାଇଥିଲା। ରଥ ଉପରକୁ କୌଣସି ଭକ୍ତ ଯିବାର ବ୍ୟବସ୍ଥା ନ ଥିବାବେଳେ ରଥ ଚାରିପଟେ କର୍ଡନ କରାଯାଇ ଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା।

ବଡ଼ପଣ୍ଡା ରାଜକିଶୋର ପଣ୍ଡା, ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦ ଏବଂ ବ୍ରହ୍ମା ଗଙ୍ଗାଧର ମିଶ୍ର, ବରିଷ୍ଠ ପୂଜକ ସୁବ୍ରତ କୁମାର ତ୍ରିପାଠୀ, ସୁଜିତ କୁମାର ଦାଶ, ପଦ୍ମନାଭ ନନ୍ଦ, ସିଦ୍ଧେଶ୍ୱର ମିଶ୍ର ଓ ଜଗନ୍ନାଥ ପତି ପ୍ରମୁଖ ଶ୍ରୀଜୀଉଙ୍କର ସୁନାବେଶ କରାଇଥିଲେ। ଦର୍ଶନ ସମୟରେ କେବଳ ପୂଜାପଣ୍ଡା ସୁଜିତ କୁମାର ଦାଶ ଓ ସିଦ୍ଧେଶ୍ୱର ମିଶ୍ର ଉପସ୍ଥିତ ଥିଲେ। ଠାକୁରଙ୍କର ୬୩ପ୍ରକାରର ସୁନା ଗହଣା ରହିଛି ଏବଂ ୧୮ ପ୍ରକାରର ଅଳଙ୍କାରରେ ପ୍ରଭୁଙ୍କୁ ଆଭୂଷିତ କରାଯାଇଛି। ବିଶେଷ କରି ବଳଭଦ୍ରଙ୍କର ୧୪ଟି ପଥର ଥାଇ ସୁନା ମୁକୁଟ, ଜଗନ୍ନାଥଙ୍କର ୧୨ଟି ପଥର ଥାଇ ସୁନା ମୁକୁଟ, ଦେବୀ ସୁଭଦ୍ରାଙ୍କର ୧୨ଟି ପଥର ଥାଇ ସୁନା ମୁକୁଟ, ପାଞ୍ଚଗୋଟି କିଆପଥର ଥାଇ ସୁନା କିରିଟି, ସୁନାର ମରିଚ ହାର, ସାତଗୋଟି ସୁନାର କିରିଟ ଓ ୫ଗୋଟି ସୁନାର କିରିଟ, ୧୬ଟି ଝରା ସହିତ ଜଗନ୍ନାଥ ଓ ବଳଭଦ୍ରଙ୍କ ସୁନାପେଟି, ୧୭ଟି ଝରା ସହିତ ସୁଭଦ୍ରାଙ୍କର ସୁନାପେଟି, ଦୁଇଯୋଡା ସୁନା କୁଣ୍ଡଳ, ୫୬ଟି ମୋହର ଓ ୬୦ଟି କଣ୍ଠି ଥାଇ ଗିରିଗୋଲର ହାର ଆଦି ଅଳଙ୍କାର ପ୍ରଭୁଙ୍କୁ ବେଶ ସମୟରେ ସଜ୍ଜିତ କରାଯାଇଛି। ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଅତିରିକ୍ତ ଏସ୍‌ପି ବି.ପି.ଦେହୁରୀ,ସଦର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରକାଶ ଜେମସ୍ ଟପୋ, ଟାଉନ ଥାନା ଇନ୍ସପେକ୍ଟର ପ୍ରମୋଦିନୀ ସାହୁ, ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର କିସ୍କୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ସୂଚନାଯୋଗ୍ୟ, ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ଓ ଆକର୍ଷଣୀୟ ସୁନାବେଶ ପାରମ୍ପାରିକ ଭାବେ ରାଜାରାଜୁଡା ଅମଳରୁ ଚାଲିଆସୁଛି । ତେବେ ୧୯୬୧ ମସିହାରେ ଶେଷ ଥର ସୁନାବେଶ ଅନୁଷ୍ଠିତ ହୋଇଥିଲା । ଏହା ପରଠାରୁ ଏଭଳି ସୁନାବେଶ ବନ୍ଦ ରହିଥିଲା । ଶ୍ରୀ ଜୀଉଙ୍କ ଅପାର ସୁନାଗହଣା ଓ ଗାଣ୍ଠି ରହିଥିବାରୁ ସୁନାବେଶ କରିବା ପାଇଁ ଦାବି ହୋଇ ଆସୁଥିଲା। ପରେ ୨୦୦୮ ମସିହାରୁ ପୁଣି ସୁନାବେଶ ହୋଇ ଆସୁଛି।

## ଝିପିଝିପି ବର୍ଷାରେ ଆସିଲେ ମହାବାହୁ

କୁଆମରା, ୧୦।୭(ଡି.ଏନ.ଏ.)

ମାଉସୀ ମା' ମନ୍ଦିରରେ ନଅ ଦିନ ରହି ମହାପ୍ରଭୁ ଶ୍ରୀଜଗନ୍ନାଥ ରବିବାର ବଡ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ବଡ ଦେଉଳକୁ ବାହୁଡ଼ି ଯାଇଛନ୍ତି। ଆନନ୍ଦ ଉଲ୍ଲାସ ମଧ୍ୟରେ ଝିପି ଝିପି ବର୍ଷା ସତ୍ତ୍ୱେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ଅପରାହ୍ନ ୩ଟାରେ ସମସ୍ତ ନିତି ସମ୍ପନ୍ନ ହେବା ପରେ ୪ଟା ରେ ପହଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଖୁଣ୍ଟା, ସିମିଳା ବନ୍ଧ, କୁଆମରା, ଅଛ ପ୍ରଭୃତି ସ୍ଥାନ ରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା

# ବାଟରେ ଅଟକିଲେ ଚତୁର୍ଦ୍ଧାମୂର୍ତ୍ତି

- ତୃତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା
- ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼

ନୀଳଗିରି,୧୦।୭(ସ୍ୱ.ପ୍ର)

ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାଲେଶ୍ୱର ଜିଲା ନୀଳଗିରିରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ରବିବାର ପୂର୍ବାହ୍ନରେ ସମସ୍ତ ରୀତିନୀତି ପରେ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ନିକଟରୁ ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥିଲା। ମନ୍ଦିର ସମ୍ମୁଖରେ ଥିବା ରଥକୁ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଶ୍ରୀମନ୍ଦିର ଆଡ଼କୁ ଟାଣି ନେଇଥିଲେ। ଏହି ଅବସରରେ ବଡ଼ଦାଣ୍ଡରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁସାରେ ୨ଦିନ ଧରି ନୀଳଗିରିରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥାଏ। ଶ୍ରଦ୍ଧାଳୁ ଓ ଜଗନ୍ନାଥପ୍ରେମୀ ଗୁଣ୍ଡିଚା ମନ୍ଦିର ନିକଟରୁ ରଥଟାଣି ବଡ଼ଦାଣ୍ଡ ଅଧାରାସ୍ତା ତଥା ଶଙ୍କରାଖୁଣ୍ଟା ପୋଖରୀ ସମ୍ମୁଖରେ ପହଞ୍ଚାଇ ଥିଲେ। ରଥ ଉପରେ ତିନିଠାକୁର ଗୋଟିଏ ରାତି ରହିବା ପରେ ପୁଣି ସୋମବାର ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ଓ ଭାରପ୍ରପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଦୀପ୍ତ ମିଶ୍ର ଓ ଭରତ ଚନ୍ଦ୍ର ମାହାନ୍ତି ଧରାବିବରଣୀ ପ୍ରଦାନ କରିଥିଲେ। ବାହୁଡ଼ାଯାତ୍ରାରେ ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବିଧାୟକ ଚିତ୍ତ ରଞ୍ଜନ ଷଡ଼ଙ୍ଗୀ ଓ ଅକ୍ଷୟ ଆଚାର୍ଯ୍ୟ ରଥ ଟାଣିଥିଲେ। ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଉପ-ଜିଲାପାଳ ଦିପ୍ତୀ ରଞ୍ଜନ ସେଠି, ଏସ୍‌ଡିପିଓ ରିତେଶ କୁମାର ମହାପାତ୍ର, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ, ତାପସ ପରିଡ଼ା, ସନ୍ତୋଷ ଖଟୁଆ, ଗତିକୃଷ୍ଣ ନନ୍ଦ, ବାପି ଦାସ ପ୍ରମୁଖ ସାମିଲ ଥିଲେ। ବହୁ ସଂଖ୍ୟାରେ ଲୋକ ସ୍ଥାନୀୟ କେସି ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଦର୍ଶନୀ ମେଳା ଦେଖିବାକୁ ଭିଡ଼ ଜମାଇଥିଲେ।



ବାହୁଡ଼ା ଯାତ୍ରାରେ ସମବେତ ଶ୍ରଦ୍ଧାଳୁ।

## ଇମାମୀ ନଗର ଶ୍ରୀଜଗନ୍ନାଥଙ୍କ ସୁନାବେଶ



ସୁନାବେଶରେ ସଜ୍ଜିତ ତିନି ଠାକୁର।

ବାଲେଶ୍ୱର ଅଫିସ,୧୦।୭

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ସ୍ଥିତ ଇମାମୀ ନଗର ଜଗନ୍ନାଥ ମନ୍ଦିରରେ ରବିବାର ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ପ୍ରାତଃ ସମୟରେ ସମସ୍ତ ରୀତିନୀତି ପୂଜାର୍ଚ୍ଚନା ସମାପନ ପରେ ୮ଟା ୩୦ମିନିଟ୍ ସମୟରେ ଶ୍ରୀଜୀଉମାନେ ସୁସଜ୍ଜିତ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିର ମଧ୍ୟରେ ଶ୍ରୀ ଗଣେଶଜୀ ମହାରାଜ, ଶ୍ରୀ ହନୁମାନଜୀ ମହାରାଜ, ମାତା ଗଜଲକ୍ଷ୍ମୀ, ଶ୍ରୀ କାଶୀ ବିଶ୍ୱନାଥଜୀ ମହାରାଜ ଓ ମାତା ବିମଳା ମଧ୍ୟ ସ୍ୱତନ୍ତ୍ରଭାବେ ସ୍ୱର୍ଣ୍ଣାଳଙ୍କାରରେ ସୁସଜ୍ଜିତ ହୋଇଥିଲେ। ହଜାର ହଜାର ଭକ୍ତଙ୍କ ସମାଗମରେ ମନ୍ଦିରବେଢ଼ା ବେଶ୍ ଉତ୍ସବମୁଖର ହୋଇପଡ଼ିଥିଲା।

ମୁଖ୍ୟ ପୂଜକ ପ୍ରଦୀପ୍ତ କୁମାର ମିଶ୍ର ତଥା ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଳ ରଞ୍ଜନ ଦାସସାମନ୍ତରାୟ ସମସ୍ତ କାର୍ଯ୍ୟକୁ ସମ୍ପାଦନ କରିଥିଲେ। ମନ୍ଦିର ବେଢ଼ାରେ ଆଲୋକସଜ୍ଜା ଓ ପୁଷ୍ପସଜ୍ଜା ଭକ୍ତମାନଙ୍କ ମନରେ ଆବେଗପୂର୍ଣ୍ଣ ଉଦ୍ଦୀପନା ସୃଷ୍ଟି କରିଥିଲା। ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ମନ୍ଦିର ପ୍ରଶାସନର ମୁଖ୍ୟ ପୁରୋଧା ସୁଶୀଲ କୁମାର ଗୋୟେଙ୍କା ତଥା ସ୍ଥାନୀୟ କାଗଜକଳର ସଭାପତି ଆଶୀଷ ଅବିନାଶ ଗୁପ୍ତା, ମନ୍ଦିର ପ୍ରଶାସନ ଏବଂ ସ୍ଥାନୀୟ ଇମାମୀ କାଗଜକଳର ବହୁ ପଦାଧିକାରୀ, କର୍ମକର୍ତ୍ତା ତଥା ଇମାମୀ କଲୋନୀସ୍ଥିତ ଲେଡିଜ୍ କ୍ଲବ୍‌ର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ରଥଯାତ୍ରା ଉତ୍ସବ ସୁଚାରୁ ରୂପେ ସମାପନ ହୋଇଥିବାରୁ ସମସ୍ତ ସହଯୋଗକାରୀ ଓ ଜଗନ୍ନାଥପ୍ରେମୀଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ମନୋଜ କୁମାର ପାଢ଼ୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଚତୁର୍ଦ୍ଧାବିଗ୍ରହଙ୍କ ରଥ ଟାଣିଲେ ମହିଳା ଶ୍ରଦ୍ଧାଳୁ

ରାଇରଙ୍ଗପୁର,୧୦।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସ୍ଥିତ ବାହୁଡ଼ା ଯାତ୍ରା ଦୁଇ ଦିନ ବ୍ୟାପୀ ହୋଇ ରବିବାର ସମାପନ ହୋଇଛି। ବଳଭଦ୍ର, ଦେବୀ ସୁଭଦ୍ରା ମହାପ୍ରଭୁ ଜଗନ୍ନାଥ ଏବଂ ସୁଦର୍ଶନଙ୍କ ସମେତ ଚତୁର୍ଦ୍ଧାବିଗ୍ରହଙ୍କ ସୁସଜ୍ଜିତ ରଥ ଶନିବାର ସ୍ଥାନୀୟ ଗୋଲେଇ ଛକ ନିକଟ ରାସ୍ତାରେ ଅଟକି ରହିଥିଲା। ରବିବାର ଅପରାହ୍ନରେ ବହୁ ସଂଖ୍ୟକ ମହିଳା ତିନି ଦିଅଁଙ୍କ ରଥକୁ ଟାଣି ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଏହି ରଥ ଟଣା ବେଳେ ହଜାର ହଜାର ମହିଳା ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



ବାରିପଦାସ୍ଥିତ ୟୁରୋ କିଡ୍ସ ପ୍ରିସ୍କୁଲର ଛାତ୍ରୀଛାତ୍ର କୁନି ରଥକୁ ଟାଣୁଛନ୍ତି।

## ୟୁରୋ କିଡ୍ସ ଛାତ୍ରୀଛାତ୍ର ଟାଣିଲେ ରଥ

ବାରିପଦା ଅଫିସ,୧୦।୭

ମୟୂରଭଞ୍ଜ ଜିଲା ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାସ୍ଥିତ ୟୁରୋ କିଡ୍ସ ପ୍ରିସ୍କୁଲର କୁନିକୁନି ପିଲାଙ୍କୁ ନେଇ ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି । ଶିଶୁମାନେ ତିନି ଠାକୁରଙ୍କୁ ପହଣ୍ଡି, ଛେରାପହଁରା କରିବା ସହିତ ରଥ ଟାଣିଛନ୍ତି। କେବଳ ସେତିକି ନୁହେଁ ପିଲାମାନେ ରଥ ଟଣା ପରେ ଶ୍ରଦ୍ଧା ଲଡୁ ଫୋପଡା ପରମ୍ପରାକୁ ପାଳନ କରିଛନ୍ତି। ସ୍କୁଲ ଅଧ୍ୟକ୍ଷ ଶ୍ରୀକାନ୍ତ ରାଉତ ସେଠାରେ ଉପସ୍ଥିତ ଥିଲେ। ପୂଜାପଣ୍ଡା ଭାବେ ଶ୍ରୀଅଂଶ ପଣ୍ଡା, ଧ୍ରୁବନାରାୟଣ ପାଣିଗ୍ରାହୀ, ରିୟାଂଶ ପାଣି ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ୬୦ରୁ ଅଧିକ ଛାତ୍ରୀଛାତ୍ର ରଥ ଟାଣିଛନ୍ତି ।

ଏହି କୁନିରଥ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଭକ୍ତଙ୍କ ସହ ଅଭିଭାବକ ମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଚିସ୍ମିତା ପଣ୍ଡା, ଅମିତା ପଣ୍ଡା, ବନ୍ଦନା ମାଝି, ଶିଲ୍ପା ରାଉତ, ଜାହ୍ନବୀ ପଲେଇ, ମଞ୍ଜୁଲତା ରଣା, ମିନାକ୍ଷୀ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁନାବେଶରେ ଶ୍ରୀଜିଉ

ମୋରଡା,୧୦।୭ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ପ୍ରସିଦ୍ଧ ଚିତ୍ରଡା ରଥଯାତ୍ରାର ବାହୁଡା ପର୍ବ ଶନିବାରଠୁ ଆରମ୍ଭ ହୋଇଥିବା ବେଳେ ପରମ୍ପରା ଅନୁଯାୟୀ ଅଧାବାଟରେ ଅଟକିଛନ୍ତି ତିନି ଠାକୁର। ରବିବାର ଆଷାଢ଼ ଶୁକ୍ଳ ଏକାଦଶୀ ଥିବାରୁ ରଥ ଟଣା ହୋଇନାହିଁ। ତେବେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶକଙ୍କୁ ରବିବାର ସୁନାବେଶରେ ଦର୍ଶନ ଦେଇଛନ୍ତି। ମଧ୍ୟାହ୍ନ ଧୂପ ପରେ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟରେ ବଡ ଠାକୁର ଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସୁନାବେଶରେ ସଜାଯାଇଛି। ସୁନାବେଶକୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ପରିଲିକ୍ଷିତ ହୋଇଥିବା ବେଳେ ଏଥିପାଇଁ ମନ୍ଦିର ପ୍ରଶାସନ ଓ ମୋରଡ଼ା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୋମବାର ରଥଟଣା ହୋଇ ଶ୍ରୀ ମନ୍ଦିରରେ ପହଞ୍ଚିବେ ଚତୁର୍ଦ୍ଧାମୂର୍ତ୍ତି ।

## ସୁନାବେଶରେ ଦର୍ଶନ ଦେଲେ ତିନି ଦିଅଁ

ବଡ଼ବିଲ, ୧୦।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲର ତିନୋଟି ସ୍ଥାନରେ ଶ୍ରୀଗୁଣ୍ଡିଚାରୁ ଶ୍ରୀମନ୍ଦିରକୁ ବାହୁଡାଯାତ୍ରାରେ ଫେରି ଶ୍ରୀମନ୍ଦିର ସମ୍ମୁଖରେ ରଥାରୂଢ଼ ହୋଇ ରହିଛନ୍ତି। ରବିବାର ଅପରାହ୍ନରେ ରଥାରୂଢ଼ ତିନି ଠାକୁର ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ପବିତ୍ର ବଡ ଏକାଦଶୀରେ ସୁନାବେଶରେ ଦର୍ଶନ ଦେଇଥିବା କଲ୍ୟାଣେଶ୍ୱର ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର ଏବଂ ହରିହର ମନ୍ଦିର ସିଂହଦ୍ୱାର ସମ୍ମୁଖରେ ତିନି ଠାକୁରଙ୍କ ଦର୍ଶନ ଲାଗି ବଡ଼ବିଲ ସହର ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି।



ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା।

## ଢେଙ୍କିକୋଟରେ ବାହୁଡ଼ାଯାତ୍ରା

ଢେଙ୍କିକୋଟ :୧୦।୭ (ଡି.ଏନ.ଏ.):

କେନ୍ଦୁଝର ଜିଲା ଢେଙ୍କିକୋଟ ଠାରେ ପ୍ରଭୁ ଜଗନ୍ନାଥ ତିନି ଠାକୁରଙ୍କ ବାହୁଡ଼ା ଯାତ୍ରା ହୋଇଯାଇଛି । ମାଉସୀ ମା' ମନ୍ଦିର ରେ ନିର୍ଦ୍ଧାରିତ ସମୟରେ ପୂଜକ କଳାକାର ପଣ୍ଡାଙ୍କ ଦ୍ୱାରା ନୀତିକାନ୍ତିରେ ଯଥାବିଧି ପୂଜା ପାଠ ହୋଇ ଅପରାହ୍ନ ୩ ଟା ବେଳେ ଛେରା ପହଁରା ରାମଚନ୍ଦ୍ର ସାହୁଙ୍କ ଦ୍ୱାରା ସମ୍ପନ୍ନ ହୋଇ ତିନି ଠାକୁର ରଥାରୂଢ଼ ହୋଇଥିଲେ। ଅପରାହ୍ନରେ ରଥ ଟଣା ହୋଇଥିଲା। ୫୦ରୁ ଉର୍ଦ୍ଧ୍ୱ ଭକ୍ତ ରଥ ଟାଣି ସନ୍ଧ୍ୟା ୮ଟା ବେଳେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚାଇଥିଲେ। ରବିବାର ତିନି ଠାକୁରଙ୍କ ସୁନାବେଶ ସମ୍ପନ୍ନ ହୋଇଛି।

## ଖଇରାରେ ମହାପ୍ରଭୁଙ୍କ ବାହୁଡ଼ା

ଖଇରା,୧୦।୭(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରସିଦ୍ଧ ଗଣ୍ଡିବେଡ଼ ରଥରେ ଦାମୋଦର ବେହେରା ଛେରା ପହଁରା କରିଥିଲେ। ପୂଜକ ରମେଶ ଦାଶ, ଉଦୟ ପାଢୀ,ଟିକିନା ପଣ୍ଡାଙ୍କ ଦ୍ୱାରା ନୀତିପୂଜା ଓ ପହଣ୍ଡି କରାଯାଇଥିଲା। ମୁଖ୍ୟ ପରିଚାଳକ ଦିବାକର ରାଉଳ, ସହଯୋଗୀ ଲମ୍ବୋଦର ବେହେରା, ମୋହନ ସାହୁ, କରୁଣାକର ମହାନ୍ତି ପ୍ରମୁଖଙ୍କ ଦ୍ୱାରା ବହୁଡାଯାତ୍ରା ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇଥିଲା। ସେହିଭଳି ବିଦ୍ୟାଧରପୁର ଶାସନ ରଥ ଖଇରା ମାଉସୀ ମା' ମନ୍ଦିରରୁ ବାହାରି ସନ୍ଧ୍ୟାରେ ମନ୍ଦିର ନିକଟରେ ପହଞ୍ଚିଥିଲା। ରମାକାନ୍ତ ଶତପଥୀ, ଉଦୟ ନାଥ ଶତପଥୀ, ଦ୍ୱାରିକାନାଥ ଶତପଥୀ, ରାଧାକାନ୍ତ ପାତ୍ର, ମାନସ ଜେନା, ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହାବ୍ୟତୀତ ନୟାଖଣ୍ଡି, କୁପାରୀ, ରାଇକୁଳା, ନଛିପୁର, ପଳସା, ବାଣପୁର, ଅନ୍ତରା ଆଦି ସ୍ଥାନମାନଙ୍କରେ ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି।

